## ସଂକ୍ଷେପରେ

### 'ବିଶ୍ୱାସଭାଜନ ହୁଅ'

**ପରଜଙ୍ଗ,୨୭।୧୧(ଡି.ଏନ.ଏ.)**

ପରଜଙ୍ଗ ଓକିଲ ସଂଘ ସଭାପତି ଅଶୋକ କୁମାର ଦଳବେହେରାଙ୍କ ତତ୍ତ୍ୱାବଧାନରେ ସୋମବାର ଆଇନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏସ୍‌ଡିଜେଏମ୍ ଲୋକନାଥ ମିଶ୍ର ଯୋଗଦେଇ ଓକିଲମାନେ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ପ୍ରଦୀପ ସାହୁ, ବିପିନବିହାରୀ ପାଣି ସମନ୍ୱୟ ରକ୍ଷା ଉପରେ ଆଲୋକପାତ କରିଥିଲେ। ସରକାରୀ ଓକିଲ ବେଣୁଧର ସାହୁ ଧନ୍ୟବାଦ ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୭୦ ପ୍ରକଳ୍ପ ପ୍ରଦର୍ଶିତ



**ରାସୋଳ, ୨୭।୧୧(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ କଳିଙ୍ଗାପାଳ ହାଇସ୍କୁଲରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏବିଇଓ ନଳିନୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ମୁଖ୍ୟବକ୍ତା ଅଧାପକ ସୁକାନ୍ତ ପତି ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ କୁମୁଦିନୀ ସାହୁ, ଲିପିକା ଗଡ଼ନାୟକ, ସମିତିସଭ୍ୟ ବନ୍ଦନା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକ ଅଧୀନ ୩୯ ହାଇସ୍କୁଲ, ୩୧ ପ୍ରାଥମିକ ବିଦ୍ୟାଳୟର ୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ଭବେଶ କୁମାର ନାୟକ ଯୋଗଦେଇ, ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତାକୁ ଉଦାହରଣ ମାଧମରେ ଉପସ୍ଥାପନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ଜେନାଙ୍କ ସମେତ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ, ସିଆର୍‌ସିସି ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଓଡ଼ିଆ ବିଭାଗ ଆଲୋଚନାଚକ୍ର

**ପରଜଙ୍ଗ,୨୭।୧୧(ଡି.ଏନ.ଏ.)-**

ପରଜଙ୍ଗ କଲେଜ ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ 'ଓଡ଼ିଆ ରୀତି ସାହିତ୍ୟରେ ପ୍ରକୃତି ଚିତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ବିଭାଗ ମୁଖ୍ୟ ଅଧାପକ ପ୍ରବୋଧ ରଥଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧାପକ ପ୍ରସନ୍ନ ସାହୁ, ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପକ ସୁରେନ୍ଦ୍ର ସାହୁ, ରଞ୍ଜନ ମହାରଣା, ଦେବୀକୃପା ଦଳବେହେରା, ପ୍ରାଚୀପ୍ରଭା ସେଣ୍ଟ ପ୍ରମୁଖ ରୀତିଯୁଗୀୟ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମନୋରଞ୍ଜନ ବେହେରା, ଭାଗ୍ୟଶ୍ରୀ ସାହୁ, ବନସ୍ମିତା ନାୟକ, ପ୍ରିୟଦର୍ଶିନୀ ଦେହୁରୀ, ରୋଜାଲିନ୍ ବେହେରା, ସ୍ୱାଗତିକା ବିଶ୍ୱାଳ, ମଧୁସ୍ମିତା ସାହୁ, ତ୍ରିବେଣୀ ରଣା, ସୌଭାଗିନୀ ସାହୁ, ପ୍ରଭାତୀ ନାୟକ, ଇତିଶ୍ରୀ ସାହୁ, ସୁନୀଲ ସେନାପତି ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ।

### ଜନପରାମର୍ଶ ପଦଯାତ୍ରା

**ସାତମାଇଲ, ୨୭।୧୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ ପୃଷ୍ଟିଙ୍କ ନେତୃତ୍ୱରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ପ୍ରଭାରୀ ସହଦେବ ପୃଷ୍ଟି, ମହିଳା ସଭାନେତ୍ରୀ ସୁପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚପଡ଼ା ଗ୍ରାମରୁ ଆରମ୍ଭ ହୋଇଥିବା ଉକ୍ତ ପଦଯାତ୍ରା ଚିତ୍ତଲପୁର, କୁକୁଟା, ରଞ୍ଜାଗୋଳ, ବାଲିମୀ, ଅସରଡ଼ା, ବାରସିଂହା ଆଦି ଗ୍ରାମ ପରିକ୍ରମା କରିଥିଲା। ଭାଜପା ନେତା ଗିରୀଶ ସେଠୀ, ଅଶୋକ ରାଉତ, ବାନାମ୍ବର ପତି, ବଂଶୀଧର ପଟ୍ଟନାୟକ, ଶଙ୍କର୍ଷଣ ପାଳ, ବିଦ୍ୟାଧର ମାଝି, ସରୋଜ ପାଳ, ଲେଲିନ୍ ବେହେରା ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

### ନିଆଁ ଲିଭାଇବାକୁ ତାଲିମ

**ସାତମାଇଲ, ୨୭।୧୧(ଡି.ଏନ.ଏ.)**

ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ଅଗ୍ନି ନିର୍ବାପକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଅସିତ୍ କୁମାର ଜେନାମଣିଙ୍କ ପୌରୋହିତ୍ୟରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୋମନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଗ୍ନିକାଣ୍ଡ ମୁକାବିଲାର ବିଭିନ୍ନ କୌଶଳ ଉପରେ ଆଲୋକପାତ କରିଥିଲେ। ଏନ୍‌ସିସି ଅଧିକାରୀ ଅଧାପକ କିଶୋର ଚନ୍ଦ୍ର ପୃଷ୍ଟି, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧାପିକା ମମତା ପାଳ, ଦୀପକ ବିଶ୍ୱାଳ ପ୍ରମୁଖ ବିପର୍ଯ୍ୟୟ ସମୟରେ ସାହସର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ଦମକଳ କେନ୍ଦ୍ରର ବିଭୂତି ଭୂଷଣ ସାହୁ, କବି ସାମଲ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ଢେଙ୍କାନାଳରେ ହକି ସ୍ପନ୍ଦନ




ହକି ବିଶ୍ୱକପ୍ ଉଦ୍‌ଘାଟନୀ ଦିବସ ଉପଲକ୍ଷେ ଢେଙ୍କାନାଳରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

**ଢେଙ୍କାନାଳ ଅଫିସ, ୨୭।୧୧**

■ଏଲ୍‌ଇଡି ସ୍କ୍ରିନରେ ଉଦ୍‌ଘାଟନୀ ସମାରୋହ

■ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜାନେଲେ କ୍ରୀଡ଼ାପ୍ରେମୀ

ଆରମ୍ଭ ହୋଇଛି ବିଶ୍ୱ କପ୍ ହକି ମହାକୁମ୍ଭ। ବିଶ୍ୱବାସୀଙ୍କ ନଜରରେ ଓଡ଼ିଶା। ଆଉ ଏହାର ଫିଭର ଦେଖିବାକୁ ମିଳିଛି ସାରା ରାଜ୍ୟରେ। ମଙ୍ଗଳବାର ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଶୁଭ ଉଦ୍‌ଘାଟନ ହୋଇଥିବାବେଳେ ଢେଙ୍କାନାଳରେ ମଧ୍ୟ ଦେଖିବାକୁ ମିଳିଥିଲା ଏହାର ସ୍ପନ୍ଦନ।

ଉଦ୍‌ଘାଟନୀ ସମାରୋହରେ ସିଧା ପ୍ରସାରଣ ଲାଗି ଜିଲା ପ୍ରଶାସନ ପକ୍ଷରୁ ଢେଙ୍କାନାଳ ଷ୍ଟାଡିୟମରେ କରାଯାଇଥିଲା ସ୍ୱତନ୍ତ୍ର ବ୍ୟବସ୍ଥା। ଏଲ୍‌ଇଡି ସ୍କ୍ରିନ୍‌ରେ ହେଉଥିବା ସିଧା ପ୍ରସାରଣକୁ ଉପଭୋଗ କରିଥିଲେ ହଜାର ହଜାର କ୍ରୀଡ଼ାପ୍ରେମୀ। ଅପରାହ୍ନ ୫ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ଯାଏ ଚାଲିଥିଲା। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କ୍ରୀଡ଼ା ବିଭାଗ ଏବଂ ବିଜୁ ଯୁବ ବାହିନୀର ମିଳିତ ସହଯୋଗରେ ପୌରାଞ୍ଚଳର ୧, ୩, ୬, ୮, ୧୦, ୧୨, ୧୫, ୧୮, ୨୦ ଏବଂ ୨୨ନଂ. ଓ୍ୱାର୍ଡରେ ଉଦ୍‌ଘାଟନୀ ଉତ୍ସବ ଦେଖିବା ଲାଗି ଏଲ୍‌ଇଡି ସ୍କ୍ରିନ୍ ବ୍ୟବସ୍ଥା କରାଯାଇଥିଲା। ଏତଦ୍‌ବ୍ୟତୀତ ଭୁବନ, କାମାକ୍ଷାନଗର, ହିନ୍ଦୋଳ ଏନ୍‌ଏସି ସମେତ ଜିଲାର ୨୧୨ ପଞ୍ଚାୟତରେ ହୋଇଥିଲା ଏଲ୍‌ଇଡି ସ୍କ୍ରିନ୍ ବ୍ୟବସ୍ଥା ।

ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି କୁହନ୍ତି, ଭୁବନେଶ୍ୱର ଏବଂ କଟକରେ ହେଉଥିବା ବିଶ୍ୱକପ୍ ହକି ଉଦ୍‌ଘାଟନ ଉତ୍ସବକୁ ଗ୍ରାମାଞ୍ଚଳବାସୀ ଉପଭୋଗ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରାଯାଇଛି। ଏହା ବୁଧବାର ମଧ୍ୟ ଅନୁଷ୍ଠିତ ହେବ।

## ସମ୍ବିଧାନ ସମାଜର ଅବିଚ୍ଛେଦ୍ୟ ଅଙ୍ଗ

**ଅନୁଗୋଳ ଅଫିସ, ୨୭।୧୧**

ଅନୁଗୋଳ ଜିଲା ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ଜଜ୍ ତଥା ଖାଉଟି ଅଦାଲତର ମୁଖ୍ୟ ଜଜ୍ ଦୁର୍ଗାଚରଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଶାନ୍ତନୁ କୁମାର ସର ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଆଇନଜୀବୀ ଅରବିନ୍ଦ ମିଶ୍ର, ସାମାଜିକ କର୍ମୀ କଲ୍ୟାଣ ମହାନ୍ତି, କିଶୋର ଜେନା, ପରିବେଶବିତ୍ ଡ. ସତ୍ୟନାରାୟଣ ସିଂସାମନ୍ତ, ପ୍ରତାପ ବିଶ୍ୱାଳ, ସରୋଜ ନାଥ, ରାଜେଶ ମିଶ୍ର, ପ୍ରିୟଙ୍କା ପ୍ରିୟଦର୍ଶନୀ, ସରୋଜ ସାହୁ, ଅମ୍ବିକା ପ୍ରସାଦ ନନ୍ଦ, ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମନୋରଞ୍ଜନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

■ବ୍ଲକସ୍ତରୀୟ ବିଜ୍ଞାନମେଳା

## ଚମକିଲେ କୁନି ପ୍ରତିଭା



ଜଣେ ଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଭୁବନ, ୨୭।୧୧(ଡି.ଏନ.ଏ.)**

ସାମାନ୍ୟ ପରିଶ୍ରମରେ ଆବର୍ଜନା ପାଣି ପିଇବା ଉପଯୋଗୀ ହୋଇପାରିବ। ବିନା ବିଦ୍ୟୁତ ତାର ସଂଯୋଗରେ ଜଳିବ ବଲ୍‌ବ। ବାଇକ୍ ସାଇଲେନ୍ସରରୁ ଚାର୍ଜ ହେବ ମୋବାଇଲ୍। କୁନିକୁନି ହାତର ଏପରି କରିସ୍ମା ଦେଖିବାକୁ ମିଳିଥିଲା ଭୁବନ ସରକାରୀ ବାଳିକା ହାଇସ୍କୁଲରେ। କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା ପ୍ରତିଭା ପ୍ରଦର୍ଶନ କରିବାକୁ ଭରପୂର ସୁଯୋଗ ଦେଇଥିବାବେଳେ ଏହାକୁ ହାତଛଡ଼ା କରି ନ ଥିଲେ ଛାତ୍ରୀଛାତ୍ର।

ବିଜ୍ଞାନମେଳାରେ ହାଇସ୍କୁଲ ଏବଂ ପ୍ରାଥମିକ ବିଦ୍ୟାଳୟସ୍ତରରୁ ମୋଟ ୪୬ ପ୍ରକଳ୍ପ ଭାଗ ନେଇଥିବାବେଳେ ସେଥିରୁ ଜିଲାସ୍ତରକୁ ମନୋନୀତ ହୋଇଛି ୧୦। ପଳାସପିଠିଆସ୍ଥିତ ଆଶୀର୍ବାଦ ଶିକ୍ଷାକେନ୍ଦ୍ରର ସୁଶ୍ରୀ ସୁଭଦର୍ଶନୀଙ୍କ ଦ୍ୱାରା ପ୍ରଦର୍ଶିତ 'ଆବର୍ଜନା ପାଣିରୁ ବିଶୁଦ୍ଧ ଜଳ', ମୃଦଙ୍ଗା ହାଇସ୍କୁଲର ନବୀନ ମଲ୍ଲିକଙ୍କ 'ଲାଇଫାଇ' ଏବଂ ଯୋରାଗାଡ଼ିଆସ୍ଥିତ ବାଲୁଙ୍କେଶ୍ୱର ହାଇସ୍କୁଲର ଆଶୁତୋଷ ପରିଡ଼ାଙ୍କ 'ସାଇଲେନ୍ସରରୁ ମୋବାଇଲ ଚାର୍ଜ' ପ୍ରକଳ୍ପ ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ମୁଖ୍ୟବକ୍ତା ବିଇଓ ଶ୍ରୀହର୍ଷ ନାୟକ, ସମ୍ମାନିତ ଅତିଥି ସାରଙ୍ଗଧର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ନାୟକ, ମକୁଆକାଟେଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଦାନନ୍ଦ ସାହୁ ମଞ୍ଚାସୀନ ଥିଲେ। ଶିକ୍ଷକ ଗଣେଶ୍ୱର ଦାସ ସ୍ୱାଗତ ଭାଷଣ ଏବଂ ଶିକ୍ଷୟିତ୍ରୀ ନଳିନୀମଞ୍ଜରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରାମଚନ୍ଦ୍ରପୁର ସ୍କୁଲର ସଫଳତା



ସଫଳତା ପାଇଥିବା କବ୍ ବୁଲ୍‌ବୁଲ୍‌ମାନେ।

**ଢେଙ୍କାନାଳ ଅଫିସ,୨୭।୧୧**

ଭୁବନେଶ୍ୱରରେ ନଭେମ୍ବର ୧୮ରୁ ୨୨ ଯାଏ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କବ୍ ବୁଲ୍‌ବୁଲ୍ ଉତ୍ସବରେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ସଫଳତା ହାସଲ କରିଛି। ତାରାଗଳ୍ପ, ବୁଲବୁଲ ଗ୍ରୀଟିଙ୍ଗ୍‌ସ, ବୁଲବୁଲ୍ ଟ୍ରି ବିଭାଗରେ ସ୍କୁଲର ୭ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବ୍ୟକ୍ତିଗତ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ଏପରି କୃତିତ୍ୱ ଲାଗି ପ୍ରଧାନ ଶିକ୍ଷୟିତ୍ରୀ ମିନତି ସାମନ୍ତରାୟ, ସ୍କୁଲ ପରିଚାଳନା କମିଟି ସଭାପତି ସମୀର ବାରିକ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଜିଲା ବାୟୁସେନା ସଂଘ ଗଠିତ

**ଢେଙ୍କାନାଳ ଅଫିସ,୨୭।୧୧**

ଢେଙ୍କାନାଳ ଜିଲା ବାୟୁସେନା ସଂଘ ରବିବାର ଗଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏୟାର ଚିଫ୍ ମାର୍ଶାଲ ଫଲି ହୋମି ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାସଂଘର ଲୋଗୋ ଓ ପତାକା ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବାୟୁସେନା ସଂଘ ସମ୍ପାଦକ ଜେଡବ୍ଲ୍ୟୁଓ ଅରୁଣ ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ସଦସ୍ୟଙ୍କୁ ଉତ୍ସାହିତ କରାଇଥିଲେ। ଢେଙ୍କାନାଳ ସଂଘ ସମ୍ପାଦକ ସର୍ଜେଣ୍ଟ ଗୌତମ ଘୋଷ, ଦାମୋଦର ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ଶତପଥୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଓ୍ୱିଙ୍ଗ୍ କମାଣ୍ଡର ବିରଜା ଶଙ୍କର ଦେଓ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ଭାରତୀୟ ସଂସ୍କୃତି ସଂରକ୍ଷଣ ଉତ୍ସବ



ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

**ଓଡ଼ାପଡ଼ା, ୨୭।୧୧(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ସମ୍ଭାଗସ୍ତରୀୟ ଭାରତୀୟ ସଂସ୍କୃତି ସଂରକ୍ଷଣ ସମ୍ବର୍ଦ୍ଧନା ମହୋତ୍ସବ ପାଳିତ ହୋଇଯାଇଛି । ଭୂଷଣ ଷ୍ଟିଲ ସିଏସ୍‌ଆର ବିଭାଗ ମୁଖ୍ୟ ଦିବ୍ୟହାସ ରାୟ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ନୃସିଂହ ଚରଣ ସାହୁ, ସମ୍ପାଦକ ବିଦ୍ୟାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୈଳାସ ସେନାପତି, ହରିପ୍ରସାଦ ନାୟକ, ମମତା ଭୂତିଆ ଏବଂ ଶୁଭଲକ୍ଷ୍ମୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ନେଇ ଲଉଡ଼ି ଖେଳ, ପାଇକ ଆଖଡ଼ା, ନାମସଂକୀର୍ତ୍ତନ, ନୃତ୍ୟସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳପୁର, କୁସୁପଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରତିଯୋଗୀମାନେ ଏଥିରେ ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ-ଅନୁଗୋଳ ବିଭାଗ ନିରୀକ୍ଷକ ସୁଧୀର ନାୟକ, ସମ୍ମାନିତ ଅତିଥି କୁସୁପଙ୍ଗା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବାମଦେବ ବେହେରା, ଜିଏମ୍‌ଆର ଭରଲକ୍ଷ୍ମୀ ଫାଉଣ୍ଡେଶନ ପ୍ରୋଗ୍ରାମ ମୁଖ୍ୟ ବିଶ୍ୱରଞ୍ଜନ କର ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ରାଉତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଁଦିଆ ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ଢେଙ୍କାନାଳ ଅଫିସ,୨୭।୧୧**




ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସାଇଣ୍ଟିଫିକ୍ ସଲ୍ୟୁଶନ ଫର୍ ଚ୍ୟାଲେଞ୍ଜେସ୍ ଇନ୍ ଲାଇଫ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା. ସ୍ୱାଧୀନ ରଥ ଯୋଗଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଇଓ ମିନତି ଦେହୁରୀ, ଏବିଇଓ ରମାକାନ୍ତ ବାରିକ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇବାସହ ବୈଜ୍ଞାନିକ ଚିନ୍ତାଧାରାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ରାସୋଳ, ୨୭।୧୧(ଡି.ଏନ.ଏ)**

ହିନ୍ଦୋଳ ଉପଖଣ୍ଡ ରାସୋଳ ଶିଶୁମନ୍ଦିରର ବାର୍ଷିକ ଖେଳକୁଦ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମହେଶ୍ୱର ସାମଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ପତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାୟାଧର ପାଳ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ, ସୁଧୀର ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଅଶୋକ ସାହୁ, ସୁଜନମୋହନ ପ୍ରଧାନ, ରବି ନାରାୟଣ ପତି, ସୁଶୀଲ କୁମାର ପାଳ ପ୍ରମୁଖ ସହଯୋଗ କରିଥିଲେ।

## ଡଙ୍ଗାଦରହ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଦାବି

**ଛେଣ୍ଡିପଦା,୨୭।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କମ୍ପସଲା ପଞ୍ଚାୟତ ହରିହରପୁର ଗ୍ରାମ ନିକଟରେ ଥିବା ଡଙ୍ଗାଦରହ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ପାଇଁ ଦାବି ହୋଇଛି। ଏହି ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହେଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବ। ଖରାଦିନେ ଜଳସଙ୍କଟରୁ ମୁକ୍ତି ମିଳିବ। ଏଥିସହ କୃଷି ପାଇଁ ଜଳସେଚନ ସୁବିଧା ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

ପାନୀୟ ଜଳଯୋଗାଣ ଏବଂ ଜଳସେଚନ ଲକ୍ଷ୍ୟ ରଖି ୨୫ବର୍ଷ ତଳେ ଆରମ୍ଭ ହୋଇଥିଲା ଡଙ୍ଗାଦରହ ପ୍ରୋଜେକ୍ଟ। ହେଲେ ଅଦ୍ୟାବଧି ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରକଳ୍ପରେ ସ୍ଲୁଇସ୍ ଗେଟ ଲଗାଯିବା ସହ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳର ଚାଷୀ ଉପକୃତ ହୋଇପାରିବେ ବୋଲି ହରିହରପୁର ଗ୍ରାମ ସଭାପତି ଈଶ୍ୱର ଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଶ୍ୱନାଥ ପ୍ରଧାନ କହିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏ ନେଇ ଛେଣ୍ଡିପଦା ବିଡିଓ କୁହନ୍ତି, ପ୍ରକଳ୍ପର ପୁନରୁଦ୍ଧାର ଲାଗି ୧୦ଲକ୍ଷ ଟଙ୍କାର ପ୍ରସ୍ତାବ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପଠାଯାଇଛି। ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ।

## ଫଟୋରେ ଖବର



ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମିଳିତ ପରେଡରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।



ଢେଙ୍କାନାଳ 'ଦୂରସଞ୍ଚାର' ମହିଳା କଲ୍ୟାଣ ସଙ୍ଗଠନର କର୍ମକର୍ତ୍ତାମାନେ ରବିବାର ଜୁବିଲି ଟାଉନସ୍ଥିତ ଆଦୃତା ଶିଶୁଗୃହ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶିଶୁଙ୍କୁ କମ୍ବଳ ଏବଂ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା।

## ଅନୁଗୋଳବାସୀ ଦେଖିଲେ ଉଦ୍‌ଘାଟନୀ ଝଲକ




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ମଙ୍ଗଳବାର ଆୟୋଜିତ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣକୁ ଅନୁଗୋଳ ଷ୍ଟାଡିୟମଠାରେ ଦର୍ଶକମାନେ ବସି ଦେଖୁଛନ୍ତି। (ଫଟୋ– ବୁବୁ)

## ହକି ବିଶ୍ୱକପ୍‌ର ସିଧା ପ୍ରସାରଣ

**ଛେଣ୍ଡିପଦା,୨୭।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତରେ ହକି ବିଶ୍ୱକପ୍‌ର ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ବିଜୁ ଯୁବ ବାହିନୀ ସଭାପତି କରୁଣାକର ବିଶ୍ୱାଳଙ୍କ ନେତୃତ୍ୱରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ପ୍ରୋଜେକ୍ଟର ମାଧ୍ୟମରେ ହକିର ସିଧା ପ୍ରସାରଣ ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ନାଏବ ସରପଞ୍ଚ ଲମ୍ବୋଦର ବେହେରା, ୱାର୍ଡସଭ୍ୟ ବିସ୍ମୟ ରଞ୍ଜନ ମାଝି ପ୍ରମୁଖ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ଅଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତସ୍ତରରେ ସିଧାପ୍ରସାରଣ କରାଯାଇଥିଲା।

# ରାସ୍ତାକଟାକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

**କଣିହାଁ,୨୭।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ଏମ୍‌ସିଏଲ ଓସିପିର ଜରଡ଼ା ଜମାନିଆଁ ଗ୍ରାମକୁ ସଂଯୋଗ କରୁଥିବା ଏକ ରାସ୍ତା କଟାଯିବା ନେଇ ସୋମବାର ଗଣ୍ଡଗୋଳ ହୋଇଥିଲା। ଏଥିରେ ଜରଡ଼ା ଗ୍ରାମର ମଣ୍ଟୁ ବେହେରାଙ୍କ ଆକ୍ରମଣରେ କଣିହାଁ ଓସିପି ଡେପୁଟି ମ୍ୟାନେଜର ମନୋଜ କୁମାର ମିନା ଆହତ ହୋଇଥିଲେ। ମଙ୍ଗଳବାର କଣିହାଁ ପୋଲିସ ଅଭିଯୁକ୍ତ ମଣ୍ଟୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। କଣିହାଁ ଥାନା ଭାରପ୍ରାପ୍ତ ଅଧିକାରୀ ସୁକାନ୍ତି କେରେକେଟା ଓ ତଦନ୍ତକାରୀ ଏଏସ୍‌ଆଇ ବିଷ୍ଣୁକୁମାର ସାହୁ କହିଛନ୍ତି, ଖଣି କ୍ଷତିଗ୍ରସ୍ତ ବିଭିନ୍ନ ସମୟରେ ନିଯୁକ୍ତି, କ୍ଷତିପୂରଣ ଓ ଥଇଥାନକୁ ନେଇ ଆନ୍ଦୋଳନ କରୁଛନ୍ତି। ସୋମବାର ନିଷ୍ପତ୍ତି କ୍ରମେ ରାସ୍ତା କଟାଯାଉଥିବା ବେଳେ ଗଣ୍ଡଗୋଳ ହୋଇଥିଲା। ଖଣି ଅଧିକାରୀ ମିନାଙ୍କୁ ମଣ୍ଟୁ ଆକ୍ରମଣ କରିଥିଲେ। ଏ ନେଇ ନଂ. ୧୮୯/୧୮ରେ ଏକ ମାମଲା ରୁଜୁ କରାଯାଇଛି।

# ମୂର୍ତ୍ତି ଚୋରି ଘଟଣାର ତଦନ୍ତ ଆରମ୍ଭ

**ବଅଁରପାଳ,୨୭।୧୧(ଡି.ଏନ.ଏ.)**

ବଅଁରପାଳ ଥାନା ତଳମୂଳ ସ୍ଥିତ ଭୋଳେଶ୍ୱର ମନ୍ଦିରରୁ ସୋମବାର ପ୍ରାୟ ଲକ୍ଷାଧିକ ଟଙ୍କାର ଦେବୀ କନକ ଦୁର୍ଗାଙ୍କ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ବି ଏଯାଏ ମା'ଙ୍କ ମୂର୍ତ୍ତି ଉଦ୍ଧାର କରାଯାଇ ପାରିନାହିଁ କି ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରାଯାଇ ପାରି ନାହିଁ। ଦଶହରା ସମୟରେ କେବଳ



ଗୋଟିଏ ଦିନ ପାଇଁ ମା' କନକଦୁର୍ଗା ଦଶହରା ପଡିଆକୁ ଆସିଥାନ୍ତି। ମା'ଙ୍କୁ ବର୍ଷ ତମାମ ଏକ ହାଣ୍ଡିରେ ଘୋଡ଼ାଯାଇ ରଖାଯାଇଥାଏ। ମାତ୍ର ହାଣ୍ଡି ଭିତରୁ ଦୁର୍ବୃତ୍ତମାନେ ମୂର୍ତ୍ତି ଚୋରି କରି ନେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ଥାନା ଅଧିକାରୀ କନକ କୁମାର ମାଝି ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ମା'ମହାମାୟୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ବଅଁରପାଳ,୨୭।୧୧ (ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଠାରେ ଥିବା ମହାମାୟୀଙ୍କ ପୀଠରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ହୋମଯଜ୍ଞ, ପ୍ରସାଦ ସେବନ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସକାଳେ ବହୁ ଶ୍ରଦ୍ଧାଳୁ କଳସଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ମାନସିକ ପୂରଣ ନିମନ୍ତେ ବହୁ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ। ବିନୋଦ ମହାପାତ୍ର ଓ ଚଞ୍ଚଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।







26
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ